# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 28 June – 2026

***********************************

## ମୁଖ୍ୟ ସମ୍ବାଦ

- ସମୁଦ୍ରରୁ ଆକାଶ ପର୍ଯ୍ୟନ୍ତ ଭାରତ ସୁରକ୍ଷିତ ଏବଂ ଆତ୍ମନିର୍ଭରତା ଦିଗରେ ଅଗ୍ରସର; ମନ୍ କୀ ବାତ୍‌ରେ କହିଲେ ପ୍ରଧାନମନ୍ତ୍ରୀ
- ରାଜ୍ୟରେ ଆଜି ଶେଷ ହେଉଛି ଏସ୍‌ଆଇଆର ପ୍ରକ୍ରିୟା
- ଆସନ୍ତାକାଲି ଶ୍ରୀଜୀଉଙ୍କ ପବିତ୍ର ସ୍ନାନଯାତ୍ରା; ଗଜାନନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ ମହାପ୍ରଭୁ
- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଉଦ୍‌ଯାପିତ ହେଉଛି ୬୫ତମ ଜାତୀୟ ଆନ୍ତଃରାଜ୍ୟ ବରିଷ୍ଠ ଆଥଲେଟିକ୍ ଚାମ୍ପିଅନ୍‌ସିପ୍

ଏବଂ

- ରାଜ୍ୟରେ ମୌସୁମୀବାୟୁ ସକ୍ରିୟ; ଆସନ୍ତା ଗୁରୁବାର ସୁଦ୍ଧା ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ସମ୍ଭାବନା

## ମନ୍ କି ବାତ୍

ଭାରତ ସମୁଦ୍ର ଠାରୁ ଆରମ୍ଭ କରି ଆକାଶ ପର୍ଯ୍ୟନ୍ତ ସୁରକ୍ଷିତ ଏବଂ ଆତ୍ମନିର୍ଭରତା ଦିଗରେ ଅଗ୍ରସର ହେଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆକାଶବାଣୀ 'ମନ୍ କି ବାତ୍'ର ୧୩୫ତମ ସଂସ୍କରଣରେ ଆଜି ଦେଶବାସୀଙ୍କ ସହ ଭାବବିନିମୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଚଳିତ ମାସରେ ସ୍ୱଦେଶୀ ଯୁଦ୍ଧଜାହାଜ ଆଇଏନଏସ୍ ଦୁନାଗିରି, ସଂଶୋଧକ ଓ ଅଗ୍ରୟ ଭାରତୀୟ ନୌସେନାରେ ସାମିଲ ହେବା ସହିତ 'ମେଡ୍ ଇନ୍ ଇଣ୍ଡିଆ' ସି-୨୯୫ ବିମାନର ପ୍ରଥମ ଉଡ଼ାଣ ସଫଳତାର ସହ ଶେଷ ହୋଇଛି। ଡିଆରଡିଓ ଦ୍ୱାରା ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ କ୍ରୁଜ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରତାକୁ ଆହୁରି ସୁଦୃଢ଼ କରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

**- V/O -**

ଆନ୍ତର୍ଜାତିକ ଯୋଗ ଦିବସର ସଫଳ ଆୟୋଜନ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି, ବିଶ୍ୱର ୨ ହଜାର ୫୦୦ରୁ ଅଧିକ ସ୍ଥାନରେ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅହମ୍ମଦାବାଦରେ ଅନୁଷ୍ଠିତ ବିଶ୍ୱ ଯୋଗାସନ ଚାମ୍ପିଅନ୍‌ଶିପ୍‌ରେ ଭାରତ ୧୦୨ଟି ସ୍ୱର୍ଣ୍ଣ ପଦକ ସମେତ ୧୧୪ଟି ପଦକ ହାସଲ କରି ଶୀର୍ଷ ସ୍ଥାନ ଅଧିକାର କରିଥିବାରୁ ପ୍ରଧାନମନ୍ତ୍ରୀ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ପଶ୍ଚିମ ଏସିଆର ପରିସ୍ଥିତି ପରିପ୍ରେକ୍ଷୀରେ ଦେଶବାସୀଙ୍କୁ ସୁନା କମ୍ କିଣିବା, ବିଦେଶ ଭ୍ରମଣ ସ୍ଥଗିତ ରଖିବା, କାର୍ ପୁଲିଂ ଏବଂ ଜୈବିକ

ସାରର ବ୍ୟବହାର ବୃଦ୍ଧି କରିବା ଭଳି ଆହ୍ୱାନକୁ ଲୋକେ ସକାରାତ୍ମକ ଭାବେ ଗ୍ରହଣ କରିଥିବାରୁ ପ୍ରଧାନମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି। ଏହି ଜନଭାଗୀଦାରି ଦେଶକୁ ଯେକୌଣସି ବିଶ୍ୱସ୍ତରୀୟ ସଙ୍କଟର ସଫଳ ମୁକାବିଲା କରିବାର ଶକ୍ତି ପ୍ରଦାନ କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି। ସରକାର ଦେଶର କୋଟି କୋଟି ପରିବାରକୁ ସୁରକ୍ଷା କବଚ ଉପଲବ୍ଧ କରିଛନ୍ତି। ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ବାର୍ଷିକ ୨୦ ଟଙ୍କା ପ୍ରିମିୟମ୍‌ରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣା ବୀମା ପ୍ରଦାନ କରାଯାଉଛି। ଯୋଜନାରେ ବର୍ତ୍ତମାନସୁଦ୍ଧା ୫୮ କୋଟିରୁ ଅଧିକ ଲୋକ ଯୋଡି ହୋଇ ସାରିଛନ୍ତି। ସେହିଭଳି ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ ୨୭ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ସାମିଲ କରାଯାଇଛି। ଦେଶର ପ୍ରାୟ ୧୧ ଲକ୍ଷ ପରିବାରଙ୍କୁ ୨୨ ହଜାର କୋଟି ଟଙ୍କାର ସହାୟତା ମିଳିସାରିଛି। ଯୋଜନାରେ ଅଧିକରୁ ଅଧିକ ଲୋକଙ୍କୁ ସାମିଲ ହେବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

**- V/O -**

ପ୍ରଧାନମନ୍ତ୍ରୀ କହିଛନ୍ତି, ନାଳନ୍ଦା ବିଶ୍ୱବିଦ୍ୟାଳୟ ପ୍ରାଚୀନ 'ଶାସ୍ତ୍ରାର୍ଥ' ପରମ୍ପରାକୁ ପୁନର୍ଜୀବିତ କରିଛି ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ କୃତ୍ରିମ ବୁଦ୍ଧିମତ୍ତା ଓ ଡାଟା ସାଇନ୍ସରେ ବି.ଟେକ୍ ପାଠ୍ୟକ୍ରମ ଆରମ୍ଭ କରି ପାରମ୍ପରିକ ଜ୍ଞାନ ସହ ଆଧୁନିକ ପ୍ରଯୁକ୍ତିର ସମନ୍ୱୟ ଦିଗରେ ପଦକ୍ଷେପ ନେଇଛି।

ଶ୍ରୀ ମୋଦୀ ମେଘାଳୟର ଜୀବନ୍ତ 'ରୁଟ୍ ବ୍ରିଜ୍' ସଂରକ୍ଷଣ ପାଇଁ ସ୍ଥାନୀୟ ଲୋକଙ୍କ ଉଦ୍ୟମ ଏବଂ ମଧ୍ୟପ୍ରଦେଶର ରାଜଗଡ଼ ଜିଲ୍ଲାର

ମହିଳାମାନଙ୍କ ଦ୍ୱାରା ପ୍ଲାଷ୍ଟିକ୍ ବର୍ଜ୍ୟରୁ 'ପରିବେଶ ଅନୁକୂଳ ଇଟା' ପ୍ରସ୍ତୁତ କରି ପରିବେଶ ସୁରକ୍ଷା ପାଇଁ କରାଯାଉଥିବା କାର୍ଯ୍ୟର ପ୍ରଶଂସା କରିଛନ୍ତି । ଆଗାମୀ ଗଣେଶ ପୂଜା ଅବସରରେ ଦେଶବାସୀଙ୍କୁ ସ୍ଥାନୀୟ କୁମ୍ଭକାରଙ୍କ ଦ୍ୱାରା ନିର୍ମିତ ମାଟିର ଗଣେଶ ମୂର୍ତ୍ତି ବ୍ୟବହାର କରିବାକୁ ଏବଂ ପ୍ଲାଷ୍ଟର ଅଫ୍ ପ୍ୟାରିସ୍‌ରେ ନିର୍ମିତ ମୂର୍ତ୍ତି କ୍ରୟ ନ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ମନ୍ କି ବାତ୍‌ରେ ଶ୍ରୀ ମୋଦୀ 'କ୍ୟାଚ୍ ଦ ରେନ୍' ଅଭିଯାନକୁ ଆହୁରି ସୁଦୃଢ଼ କରି ପ୍ରତିଟି ବର୍ଷା ବିନ୍ଦୁର ସଂରକ୍ଷଣ ପାଇଁ ଦେଶବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି ।

## ପ୍ରଧାନମନ୍ତ୍ରୀ

ପରିବେଶ ସଂରକ୍ଷଣ, ସ୍ଥାୟୀ ବିକାଶ ଏବଂ ଭାରତ ମହାସାଗରୀୟ ଅଂଚଳରେ ସହଯୋଗକୁ ସୁଦୃଢ଼ କରିବା କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେସେଲ୍ସର  ସର୍ବୋଚ୍ଚ ବେସାମରିକ ସମ୍ମାନ 'ଗାର୍ଡିଅନ୍ ଅଫ୍ ଦି ବ୍ଲୁ ହୋରାଇଜନ୍' ପ୍ରଦାନ କରାଯାଇଛି । ଦ୍ୱୀପରାଷ୍ଟ୍ର ସେସେଲ୍ସକୁ ୩ଦିନିଆ ଗସ୍ତ ଅବସରରେ ରାଷ୍ଟ୍ରପତି ପ୍ୟାଟ୍ରିକ୍ ହରମିନି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି ।  ଜଳବାୟୁ ପରିବର୍ତ୍ତନ ଆହ୍ୱାନର ମୁକାବିଲା କରୁଥିବା ଏବଂ ପରିବେଶ ସୁରକ୍ଷାକୁ ନିଜର ଦାୟିତ୍ୱ ମନେ କରୁଥିବା ସମସ୍ତ ଦେଶଗୁଡ଼ିକ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଏହି ସମ୍ମାନକୁ ଉତ୍ସର୍ଗ କରିଛନ୍ତି । ବିଶ୍ୱକୁ ଅଧିକ ସବୁଜ ସୁନ୍ଦର କରିବା ପାଇଁ ଭାରତର ଲାଇଫ ମିଶନ, ଅନ୍ତର୍ଜାତୀୟ ସୌର ମେଣ୍ଟ ଭଳି ବିଶ୍ୱସ୍ତରୀୟ ପ୍ରୟାସ ଏହି ଦିଗରେ କାର୍ଯ୍ୟ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଏସ୍ଆଇଆର

ରାଜ୍ୟରେ ଚାଲିଥିବା ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍‌ଆଇଆର ପ୍ରକ୍ରିୟା ଆଜି ଶେଷ ହେଉଛି। ନିର୍ବାଚନ ପ୍ରଶାସନ ପକ୍ଷରୁ ଶେଷ ଦିନରେ ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ବର୍ତ୍ତମାନସୁଦ୍ଧା ରାଜ୍ୟରେ ୩ କୋଟି  ୩୩ ଲକ୍ଷ ୭୭ ହଜାର ୯୪୨ଟି ପରିଗଣନା ଫର୍ମ ବଣ୍ଟନ କରାଯାଇଛି। ଏହି ସମୟ ମଧ୍ୟରେ ୩ କୋଟି ୧୩ ଲକ୍ଷ ୭୯ ହଜାର ୪୨୭ଟି ଫର୍ମର ଡିଜିଟାଇଜେସନ୍ ପ୍ରକ୍ରିୟା ଶେଷ ହୋଇଛି।

ଅଭିଯାନରେ ଅଧିକରୁ ଅଧିକ ଜନସହଭାଗିତା ସୁନିଶ୍ଚିତ କରିବା ସହିତ ସମସ୍ତ ଯୋଗ୍ୟ ଭୋଟରଙ୍କୁ ସାମିଲ କରିବା ପାଇଁ ରାଜ୍ୟର ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ପ୍ରତିନିଧିମାନଙ୍କୁ ନିଯୁକ୍ତି କରାଯାଇଥିଲା। ସ୍ୱଚ୍ଛ, ନିର୍ଭରଯୋଗ୍ୟ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତ କରିବା ଏସ୍‌ଆଇଆର ଅଭିଯାନର ମୂଳ ଲକ୍ଷ୍ୟ।

## ପୁରୀ - ସ୍ନାନଯାତ୍ରା

ଶ୍ରୀଜିଉଙ୍କ ପବିତ୍ର ସ୍ନାନଯାତ୍ରା ଆସନ୍ତାକାଲି ଅନୁଷ୍ଠିତ ହେବ।  ସ୍ନାନ ପୂର୍ଣ୍ଣିମା ପହଣ୍ଡି ପୂର୍ବରୁ ଦଇତାପତି ସେବକମାନେ ମହାପ୍ରଭୁଙ୍କର ବାହୁଟ କଣ୍ଠି ଓ ସେନାପଟା ଲାଗି ନୀତି ସମ୍ପନ୍ନ କରିଛନ୍ତି।  ମଙ୍ଗଳ ଆଳତୀ ଶେଷ ହେବା ପରେ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ଜାରି ରହିଛି। ଆସନ୍ତାକାଲି ମହାପ୍ରଭୁ ଦୁର୍ଲଭ ହାତୀ ବେଶ ତଥା ଗଜାନନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ସକାଳ ପହଣ୍ଡି ଦର୍ଶନ ନେଇ ପରିମାଣିକ ଟିକଟଧାରୀମାନେ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିବେ। ସ୍ନାନବେଦୀ ଉପରେ ଶ୍ରଜୀଉଙ୍କୁ ଦର୍ଶନ ପାଇଁ

ଭକ୍ତମାନେ ସିଂହଦ୍ୱାର ଦେଇ ପ୍ରବେଶ କରିବା ପରେ ଅନ୍ୟ ୩ ଦ୍ୱାର ଦେଇ ପ୍ରସ୍ଥାନ କରିବେ। ଆସନ୍ତାକାଲି ଭୋର ୫ଟାରୁ ଶ୍ରଜୀଉମାନଙ୍କର ଧାଡ଼ି ପହଣ୍ଡି ଆରମ୍ଭ ହେବା ନେଇ ନୀତି ନିର୍ଘଣ୍ଟ ହୋଇଛି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ଯାତ୍ରାକୁ ଶୃଙ୍ଖଳିତ ଭାବେ ସମାପନ କରିବାପାଇଁ ଶ୍ରୀମନ୍ଦିର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜନଗହଳିପୂର୍ଣ୍ଣ ସ୍ଥାନରେ ୭୯ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଆସନ୍ତାକାଲି ପୁରୀ ପୌରାଞ୍ଚଳର ସମସ୍ତ ବିଦ୍ୟାଳୟ ବନ୍ଦ ରଖିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

## ପଲ୍ସ ପୋଲିଓ

ଦେଶବ୍ୟାପୀ ଆଜି ପଲ୍ସ ପୋଲିଓ ଟିକାକରଣ ଅଭିଯାନ ଆରମ୍ଭ ହୋଇଛି। ଏହା ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ଚାଲିବ। ଏଥିରେ ଜନ୍ମରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଉଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଅଭିଯାନ ଅନ୍ତର୍ଗତ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଉଛି।

ରାଜ୍ୟର ବିଭିନ୍ନ ସରକାରୀ ଡାକ୍ତରଖାନା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଅଙ୍ଗନୱାଡୀ କେନ୍ଦ୍ର, ବସ୍ ଷ୍ଟାଣ୍ଡ ଓ ରେଳଷ୍ଟେସନ୍ ସମେତ ବିଭିନ୍ନ ସ୍ଥାନରେ ପୋଲିଓ ବୁଥ୍ ଖୋଲାଯାଇଛି। ଏହି ଅଭିଯାନରେ ଆଶା କର୍ମୀ, ଅଙ୍ଗନୱାଡୀ କର୍ମୀ ଓ ସ୍ୱାସ୍ଥ୍ୟକର୍ମୀମାନେ ସାମିଲ ହୋଇଛନ୍ତି। ସୂଚନା ଅନୁଯାୟୀ, ରାଜ୍ୟର

୪୦ ରୁ ୪୫ ଲକ୍ଷ ୫ ବର୍ଷରୁ କମ୍ ବୟସର ଶିଶୁଙ୍କୁ ପଲ୍ସ ପୋଲିଓ ବୁନ୍ଦା ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି।

**କେନ୍ଦ୍ରାପଡା** ଜିଲ୍ଲାସ୍ତରୀୟ ପଲ୍ସ୍ ପୋଲିଓ କାର୍ଯ୍ୟକ୍ରମ-୨୦୨୬କୁ ଜିଲ୍ଲାପାଳ ରଘୁରାମ ଆର. ଆୟାର ଉଦ୍‌ଘାଟନ କରିଥିଲେ। ଜିଲ୍ଲାରେ ୧ ଲକ୍ଷ ୧୦ ହଜାର ୬୪୩ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବ।

**ଗଞ୍ଜାମ** ଜିଲ୍ଲାରେ ଚଳିତ ବର୍ଷ ୩ ଲକ୍ଷ ୪୫ ହଜାର ୧୧ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବା ନେଇ ଲକ୍ଷ୍ୟ ରଖାଯାଇଛି। ଆଜି ୧ ହଜାର ୬୩୭ଟି ବୁଥ୍‌ରେ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଦିଆଯାଇଥିଲା।

## ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି କେନ୍ଦ୍ରାପଡା ଗସ୍ତରେ ଆସି ତୁଳସୀ କ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉ ମନ୍ଦିର ପରିଦର୍ଶନ କରିଛନ୍ତି। ମନ୍ଦିରର ଉନ୍ନତି ପାଇଁ ଶ୍ରୀ ପ୍ରଧାନ’ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଓ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଗସ୍ତ ଅବସରରେ କହିଛନ୍ତି।

## ବିକଶିତ ଓଡ଼ିଶା

ବିକଶିତ ଓଡ଼ିଶାର ସଂକଳ୍ପକୁ ସାକାର କରିବା ଲକ୍ଷ୍ୟ ନେଇ **ନୟାଗଡ଼** ଜିଲ୍ଲା ଭାପୁରଠାରେ ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ସାଂସଦ ଭର୍ତ୍ତୃହରୀ ମହତାବ ଯୋଗଦେଇ ବାଇଗୁଣିଆ, ନିମାଣି, ବଦସହରା ଏବଂ ଭଗବାନପୁର ସମେତ ଅନେକ ପଂଚାୟତରେ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

## ଆଥଲେଟିକ୍

ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ଏବଂ ଆଥଲେଟିକ୍ ଫେଡେରେସନ୍ ଅଫ୍ ଇଣ୍ଡିଆ ସହଯୋଗରେ  ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୫ତମ ଜାତୀୟ ଆନ୍ତଃରାଜ୍ୟ ବରିଷ୍ଠ ଆଥଲେଟିକ୍ ଚାମ୍ପିଅନ୍‌ସିପ୍ ୨୦୨୬ ଆଜି ଉଦ୍‌ଯାପିତ ହେଉଛି। ଗତ ବୁଧବାରଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଦେଶର ୨୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରୁ ପ୍ରାୟ ୬୩୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ଚାମ୍ପିଅନ୍‌ସିପ୍‌ଟି ଆସନ୍ତା ସେପ୍ଟେମ୍ବର ମାସ ୧୯ ତାରିଖରୁ ଅକ୍ଟୋବର ମାସ ୪ ତାରିଖ ପର୍ଯ୍ୟନ୍ତ ଜାପାନରେ ହେବାକୁ ଥିବା ଏସିଆନ୍ ଗେମ୍ସ ୨୦୨୬ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗ୍ୟତା ପର୍ଯ୍ୟାୟ।

## ପାଣିପାଗ

ରାଜ୍ୟରେ ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁର ସକ୍ରିୟ ପ୍ରଭାବରେ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଦକ୍ଷିଣ ଭାଗର ଜିଲ୍ଲାଗୁଡ଼ିକରେ ଅଧିକ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ସୂଚନା ଅନୁସାରେ କନ୍ଧମାଳ, କୋରାପୁଟ ଓ ରାୟଗଡ଼ା ଜିଲ୍ଲାର କେତେକ ସ୍ଥାନରେ ଆଜି ମଧ୍ୟମରୁ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଓଡ଼ିଶା ଉପକୂଳରେ ଆସନ୍ତା ଗୁରୁବାର ସୁଦ୍ଧା

ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଥିବାରୁ’ ଆସନ୍ତା ବୁଧବାରଠାରୁ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।